# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 August – 2026

***********************************

## ମୁଖ୍ୟ ସମ୍ବାଦ

- ନିବେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ନୂଆଦିଲ୍ଲୀରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

— କହିଲେ, ରାଜ୍ୟରେ ପ୍ରତିଯୋଗିତାମୂଳକ ଶିଳ୍ପ ଭିତ୍ତିଭୂମି ସୃଷ୍ଟି କରିବାକୁ ସରକାର ସଂକଳ୍ପବଦ୍ଧ

- ରାଜ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଆଜିଠାରୁ ନାମଲେଖା ଆରମ୍ଭ
- ସଡକ ଦୁର୍ଘଟଣା ରୋକିବା ପାଇଁ ପ୍ରତି ୧୦୦ କିଲୋମିଟରରେ ଗୋଶାଳା ନିର୍ମାଣ କରିବେ ରାଜ୍ୟ ସରକାର
- ଜନଜାତି ସମୁଦାୟଙ୍କ ଅଧିକାର ଓ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି 'ବିଶ୍ୱ ଆଦିବାସୀ ଦିବସ'

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ୪ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ - ଫୁଡ୍ ପ୍ରୋ.

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀର ଗ୍ରେଟର ନୋଏଡାଠାରେ ଅନୁଷ୍ଠିତ ନିବେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ଶିଳ୍ପ ସହଯୋଗ ବୃଦ୍ଧି, ନୂତନ ନିବେଶ, ରାସାୟନିକ ଓ ପେଟ୍ରୋ କେମିକାଲ୍ସ କ୍ଷେତ୍ରକୁ ସୁଦୃଢ କରିବା ଉପରେ ମୁଖ୍ୟମନ୍ତ୍ରୀ ଜେଏସ୍ଏଲ, ଆଇଓସିଏଲ, ଜେଏସ୍ଡବ୍ଲ୍ୟୁ ଷ୍ଟିଲ ଓ ଟାଟା ଷ୍ଟିଲ କମ୍ପାନୀର ଶିଳ୍ପ ପ୍ରତିନିଧିଙ୍କ ସହ ମତ ବିନିମୟ କରିଛନ୍ତି। ରାଜ୍ୟରେ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଏବଂ ଦୃଢ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଶିଳ୍ପ ଭିତ୍ତିଭୂମି ସୃଷ୍ଟି କରିବାକୁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ଗତକାଲି ଓଡ଼ିଶା ଫୁଡ୍ ପ୍ରୋ.-୨୦୨୬ ସମ୍ମିଳନୀରେ ବିଭିନ୍ନ ଅନୁଷ୍ଠାନ ସହ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପ୍ରଥମ ଦିନରେ ରାଜ୍ୟ ସରକାର ୪୩ ହଜାର ୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଛନ୍ତି। ଏହାଦ୍ୱାରା ପ୍ରାୟ ୪୩ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

## ପିଜି ନାମଲେଖା

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଆଜିଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେଉଛି। ଏଥିପାଇଁ ମୋଟ୍ ୨୧ ହଜାର ୧୨୧ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ସ୍ନାତକୋତ୍ତର ନାମଲେଖା ପାଇଁ ବିଭିନ୍ନ ବିଭାଗରେ ମୋଟ୍ ୩୨ ୫୬୩ଟି ସିଟ୍ ରହିଛି। ଦ୍ୱିତୀୟ

ପର୍ଯ୍ୟାୟ ମେଧା ତାଲିକା ୧୭ ତାରିଖରେ ପ୍ରକାଶ ପାଇବାକୁ ଥିବାବେଳେ ଅଗଷ୍ଟ ୨୧ ତାରିଖଠାରୁ ପାଠପଢା ଆରମ୍ଭ ହେବ।

## ଦୁର୍ଘଟଣା–ଗାଈଗୋରୁ

ଗାଈଗୋରୁଙ୍କ ପାଇଁ ରାସ୍ତାରେ ଘଟୁଥିବା ଦୁର୍ଘଟଣାକୁ ରୋକିବା ପାଇଁ ପ୍ରତି ୧୦୦ କିଲୋମିଟରରେ ଗୋଶାଳା ନିର୍ମାଣ ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ କହିଛନ୍ତି। ପରିବହନ ବିଭାଗ ପକ୍ଷରୁ ରାସ୍ତାକଡରୁ ପଶୁମାନଙ୍କୁ ସ୍ଥାନାନ୍ତରିତ କରାଯିବ ଓ ପ୍ରାଣୀସମ୍ପଦ ବିଭାଗ ସେମାନଙ୍କର ରକ୍ଷଣାବେକ୍ଷଣ କରିବ। ପ୍ରତି ବ୍ଲକ୍‌ରେ ମଧ୍ୟ ଗୋଶାଳା ଖୋଲିବା ପାଇଁ ଯୋଜନା କରାଯାଉଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି।

**- V/O –**

# ଶିକ୍ଷକ ନିଯୁକ୍ତି

ଜଣେ ଲେଖାଏଁ ଶିକ୍ଷକ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକରେ ତୁରନ୍ତ ଆଉ ଜଣେ ଶିକ୍ଷକ ନିଯୁକ୍ତି କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷା ଅଧିକାର ଆଇନ-୨୦୦୯ ନିୟମାବଳୀ ଅନୁସାରେ, ପ୍ରାଥମିକ ବିଦ୍ୟାଳୟଗୁଡିକରେ ନିର୍ଦ୍ଧାରିତ ଶିକ୍ଷକ ଓ ଛାତ୍ର ଅନୁପାତ ଏବଂ ସର୍ବନିମ୍ନ ଶିକ୍ଷକ ସଂଖ୍ୟାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗର ସଚିବ ଏନ. ତିରୁମାଲ୍ଲା ନାୟକ ପତ୍ର

ମାଧମରେ ଅବଗତ କରାଇଛନ୍ତି । ୧୫ ଦିନ ମଧ୍ୟରେ ସ୍କୁଲଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଆଦିବାସୀ ଦିବସ

ବିଶ୍ୱର ପ୍ରାଚୀନ ଜନଜାତି ସମୁଦାୟଙ୍କ ଅଧିକାର ଓ ସମ୍ମାନର ସୁରକ୍ଷା ପାଇଁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି - 'ଜନଜାତି ଦାତ୍ରୀଙ୍କୁ ସମ୍ମାନ - ଜୀବନ ଏବଂ କଲ୍ୟାଣର ସୁରକ୍ଷା' ।

ଏ ସମ୍ପର୍କରେ ଆସନ୍ତୁ ଶୁଣିବା ଏକ ସ୍ୱତନ୍ତ୍ର ଉପସ୍ଥାପନା..

ଆଦିବାସୀ ସମୁଦାୟଙ୍କ ଭାଷା, ସଂସ୍କୃତି ପାରମ୍ପରିକ ଜ୍ଞାନ, କଳା ଓ ପ୍ରାକୃତିକ ସମ୍ପଦ ଉପରେ ଅଧିକାର ସହ ସେମାନଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ଦେବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଭାରତରେ ଆଦିବାସୀ ସମୁଦାୟର ଅବଦାନ ବ୍ୟାପକ । ଜନଜାତି ସମାଜ ନିଜର ସ୍ୱତନ୍ତ୍ର ନୃତ୍ୟ ସଂଗୀତ, ପର୍ବପର୍ବାଣୀ, ପାରମ୍ପରିକ ଜ୍ଞାନ ମାଧ୍ୟମରେ ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଆସିଛନ୍ତି । ଜଙ୍ଗଲ ଓ ପରିବେଶ ସୁରକ୍ଷାରେ ଜନଜାତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ଦେଶର ଏକ ପ୍ରମୁଖ ଜନଜାତିବହୁଳ ରାଜ୍ୟ । ଜନଜାତି ସମ୍ପ୍ରଦାୟଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଡିଜିଟାଲ ସଂଯୋଗ ଓ ମୌଳିକ ସୁବିଧା ସୁଯୋଗ ପ୍ରଦାନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଜନଜାତି ସମାଜ କେବଳ ଆମ ସାଂସ୍କୃତିକ

ବିବିଧତାର ପ୍ରତୀକ ନୁହଁନ୍ତି; ସେମାନେ ପ୍ରକୃତି ସହ ସନ୍ତୁଳିତ ଜୀବନଯାପନର ଏକ ଅନନ୍ୟ ଉଦାହରଣ। ସେମାନଙ୍କ ଅଧିକାରର ସୁରକ୍ଷା, ପରମ୍ପରାର ସମ୍ମାନ ଏବଂ ସମାଜରେ ସମାନ ସୁଯୋଗ ପ୍ରଦାନ କରାଗଲେ ଆଜି ଦିନର ସାର୍ଥକତା ପ୍ରତିପାଦିତ ହୋଇପାରିବ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

# ଡିଜିଟାଲ୍ ପେମେଣ୍ଟ

ଉପଭୋକ୍ତାମାନଙ୍କ ଲାଗି ୟୁପିଆଇ ଜରିଆରେ ଦେଣନେଣ ବ୍ୟବସ୍ଥା ଦେୟମୁକ୍ତ ହେବ ବୋଲି ପେମେଣ୍ଟସ୍ କାଉନସିଲ୍ ଅଫ୍ ଇଣ୍ଡିଆ ସୂଚନା ଦେଇଛି । ଏକ ବିବୃତିରେ ପିସିଆଇ ପକ୍ଷରୁ କୁହାଯାଇଛି, ଦେଶର ପ୍ରତ୍ୟେକ ନାଗରିକ କୌଣସି ଶୁଳ୍କ ନଦେଇ ତୁରନ୍ତ ଡିଜିଟାଲ୍ ପେମେଣ୍ଟ କରିପାରିବେ। କ୍ଷୁଦ୍ର ବ୍ୟବସାୟୀମାନେ ମଧ୍ୟ ଡିଜିଟାଲ୍ ପେମେଣ୍ଟ ଗ୍ରହଣ ପାଇଁ କୌଣସି ଶୁଳ୍କ ଦେବେ ନାହିଁ।

ସୂଚନା ଅନୁଯାୟୀ, ୟୁପିଆଇର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ବ୍ୟାଙ୍କ, ଫିନ୍‌ଟେକ୍ କମ୍ପାନୀ, ଏନ୍‌ପିସିଆଇ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ରଯୁକ୍ତି, ସାଇବର ସୁରକ୍ଷା ଓ ଠକେଇ ରୋକିବା ଦିଗରେ ନିବେଶ କରୁଛନ୍ତି। ବ୍ୟବସାୟୀଙ୍କଠାରୁ ଆଦାୟ ହେଉଥିବା ଯେକୌଣସି ସେବାଶୁଳ୍କ ଗ୍ରାହକଙ୍କ ଉପରେ ଲାଗୁ ହେଉଥିବା ଶୁଳ୍କ ନୁହେଁ ବୋଲି ପେମେଣ୍ଟ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ସ୍ପଷ୍ଟ କରିଛି। ବୃଦ୍ଧି ପାଉଥିବା କାରବାରକୁ

ଦୃଷ୍ଟିରେ ରଖି ୟୁପିଆଇର ସୁରକ୍ଷା, ଭିତ୍ତିଭୂମି ଓ ନବସୃଜନ କ୍ଷେତ୍ରରେ ନିରନ୍ତର ନିବେଶ ଆବଶ୍ୟକ ବୋଲି କୁହାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ-ରେଢାଖୋଲ

ବୃକ୍ଷ ପରିବେଶକୁ ସୁରକ୍ଷିତ ରଖିବା ସହ ଆଗାମୀ ପିଢି ପାଇଁ ସୁସ୍ଥ ଓ ସୁନ୍ଦର ଭବିଷ୍ୟତ ନିର୍ମାଣକୁ ସୁନିଶ୍ଚିତ କରିଥାଏ ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ରେଢାଖୋଲଠାରେ ଆଜି 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସମସ୍ତେ ନିଜ ମା'ଙ୍କ ସମ୍ମାନରେ ଗୋଟିଏ ଗଛ ଲଗାଇ ତାକୁ ସୁରକ୍ଷା ଦେବା ସହିତ ଧରିତ୍ରୀ ମା'କୁ ସବୁଜ ଓ ସୁନ୍ଦର ରଖିବା ପାଇଁ ପ୍ରୟାସ କରିବା ଜରୁରୀ। ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ପରିବେଶବିତ୍‌ମାନଙ୍କୁ ପରିବେଶର ସୁରକ୍ଷା ଉପରେ ଧ୍ୟାନ ଦେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଅନ୍ୟ ଏକ କାର୍ଯ୍ୟକ୍ରମରେ ରେଢାଖୋଲ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଭବନର ଉଦ୍‌ଘାଟନ ସହ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ ଉତ୍ସବରେ ଶ୍ରୀ ପ୍ରଧାନ ଯୋଗଦେଇଥିଲେ।

# ରବୀନ୍ଦ୍ରନାଥ ଟାଗୋର

ଜାତୀୟ ସଂଗୀତ ରଚୟିତା ତଥା ନୋବେଲ ବିଜେତା ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କର ଆଜି ୮୫ତମ ପୁଣ୍ୟତିଥି ପାଳନ କରାଯାଉଛି। ଏହି ଅବସରରେ ଦେଶବାସୀ ତାଙ୍କର ଅମ୍ଲାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । କୋଲକାତାର ଜୋରାସାଙ୍କୋ ଠାକୁରବାଡ଼ିସ୍ଥିତ ରବୀନ୍ଦ୍ରନାଥ

ଟାଗୋରଙ୍କ ପୈତୃକ ଘର ଓ ଶାନ୍ତିନିକେତନ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମାନବବାଦୀ ଆଦର୍ଶ ଏବଂ କଳାତ୍ମକ ପ୍ରତିଭା ମାଧ୍ୟମରେ ସାଂସ୍କୃତିକ ପରିଚୟକୁ ଅଧିକ ସୁଦୃଢ଼ କରିବାରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଆଦର୍ଶ ନୂତନ ପିଢ଼ିକୁ ପ୍ରେରଣା ଯୋଗାଉଛି ।

## ମୋହନ ସୁନ୍ଦର ଜୟନ୍ତୀ

ଓଡ଼ିଆ ଚଳଚ୍ଚିତ୍ରର ଜନକ ତଥା ମହାନ୍ ନାଟ୍ୟକାର ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଜୟନ୍ତୀରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ନିଜର ଅସାଧାରଣ ପ୍ରତିଭା ଓ କଳା ପ୍ରତି ଅଗାଧ ସମର୍ପଣ ମାଧ୍ୟମରେ ସେ ଓଡ଼ିଆ ଚଳଚ୍ଚିତ୍ର ଓ ସଂସ୍କୃତିକୁ ସମୃଦ୍ଧ କରିଥିଲେ। ଓଡ଼ିଆ କଳା ଓ ସଂସ୍କୃତି ପ୍ରତି ତାଙ୍କର ଅବଦାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ।

**ଉପମୁଖ୍ୟମନ୍ତ୍ରୀ** କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଦେବ ଗୋସ୍ୱାମୀଙ୍କ ଜୟନ୍ତୀ ଅବସରରେ ତାଙ୍କର ଅମର ଆତ୍ମା ନିକଟରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆତ୍ମରକ୍ଷା କୌଶଳ

**ଭଦ୍ରକ** ଜିଲ୍ଲା ଧାମନଗର ବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଛାତ୍ରୀମାନଙ୍କୁ ସାମ୍ପ୍ରତିକ ସମାଜରେ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଛି। ଏହି ଆତ୍ମରକ୍ଷା ଶିବିର ଛାତ୍ରୀମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ଆଶା ବ୍ୟକ୍ତ କରିଥିଲେ।

## ପ୍ରଶିକ୍ଷଣ ଶିବିର

**କେନ୍ଦୁଝର** ଜିଲ୍ଲା ପିଏମ୍‌ଶ୍ରୀ ଡିଏନ୍ ଉଚ୍ଚବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ୍ କ୍ଷମତାବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ସମାଜରେ ସମସ୍ତଙ୍କୁ ଦାୟିତ୍ୱବୋଧତାର ସହ କାର୍ଯ୍ୟ କରିବାକୁ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏସ୍.କେ.ଇଜାଜ୍ ଇକବାଲ ଯୋଗଦେଇ କହିଛନ୍ତି। ତିନିଦିନିଆ ତାଲିମ୍ ଶିବିରରେ ୭ଟି ଜିଲ୍ଲାରୁ ୮୦ ଜଣ ପରାମର୍ଶଦାତା ଯୋଗଦେଇଛନ୍ତି।

## ରକ୍ତଦାନ ଶିବିର

**ନୂଆପଡା** ଜିଲ୍ଲା ଖଡିଆଳ ପୁଲିସ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୦ ଜଣରୁ ଊର୍ଦ୍ଧ୍ୱ ରକ୍ତଦାତା ରକ୍ତଦାନ କରିଛନ୍ତି। ଶିବିରରେ ୪୪ ଜଣ  ରକ୍ତଦାନ ପାଇଁ ନାମ ପଞ୍ଜୀକରଣ କରିଥିବା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ ସୂଚନା ଦେଇଛନ୍ତି।

## ହକି

ହକି ଇଣ୍ଡିଆ ପକ୍ଷରୁ ପୁରୁଷ କନିଷ୍ଠ ଏସୀୟା କପ୍-୨୦୨୬ ପାଇଁ ୧୮ଜଣିଆ ଭାରତୀୟଦଳ ଘୋଷଣା କରାଯାଇଛି । ଚଳିତମାସ ୩୦ତାରିଖଠାରୁ ଚୀନର ମୋକିଠାରେ ଆରମ୍ଭ ହେଉଥିବା ପ୍ରତିଯୋଗିତା ପାଇଁ ଘୋଷିତ ତାଲିକାରେ ଓଡିଶାର ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଏହାଛଡା ବିକଳ୍ପ ଖେଳାଳୀଭାବେ ଓଡିଶାରୁ ଅନ୍ୟ ଏକ ଖେଳାଳୀଙ୍କୁ ମଧ୍ୟ ମନୋନୀତ କରାଯାଇଛି ।

## ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ବାଂଲାଦେଶ ଉପରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହାସହିତ ଅନ୍ୟ ସମସ୍ତ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ଆସନ୍ତା ୧୨ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର  ବିଦ୍ୟାଳୟ, ଅଙ୍ଗନବାଡି

କେନ୍ଦ୍ରଗୁଡ଼ିକୁ ଆଜି ପାଇଁ ବନ୍ଦ ରଖାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାର ଖଣ୍ଡପଡାରେ ସର୍ବାଧିକ ୧୨୪ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।